# ରାଉରକେଲା ସହରବାସୀ 'ସର୍ବକ୍ଷମା' ଭୁଲିଯାଆନ୍ତୁ

ରାଉରକେଲା, ୧୩।୨(ସମିସ)



ରାଉରକେଲା ସହରବାସୀ ଏଣିକି 'ସର୍ବକ୍ଷମା' କଥା ଭୁଲିଯାଆନ୍ତୁ। ଯଦି ରାଉରକେଲା ମହାନଗର ନିଗମ ଅଧୀନରେ ବ୍ୟକ୍ତିଗତ ଗୃହ ଅଥବା ବ୍ୟବସାୟିକ ଗୃହ ନିର୍ମାଣ କରୁଛନ୍ତି, ତେବେ ତା' ପୂର୍ବରୁ ନିଗମ କର୍ତ୍ତୃପକ୍ଷଙ୍କଠାରୁ ପ୍ଲାନିଂ ମଞ୍ଜୁରି ଏବଂ ନିର୍ମାଣ କାର୍ଯ୍ୟ ଶେଷ ପରେ ଅକ୍ୟୁପେସନ ସାର୍ଟିଫିକେଟ୍ ଗ୍ରହଣ କରିବା ବାଧ୍ୟତାମୂଳକ। ନଚେତ ସମ୍ପୃକ୍ତ ଗୃହକୁ ବିଦ୍ୟୁତ ଓ ପାଣି ସଂଯୋଗ ଦିଆଯିବ ନାହିଁ ବୋଲି ରାଉରକେଲା ମହାନଗର ନିଗମ କମିସନର ତଥା ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି। ବିନା ପ୍ଲାନ ମଞ୍ଜୁରିରେ ଗୃହ ନିର୍ମାଣ କଲେ ସର୍ବକ୍ଷମା ଯୋଜନାରେ ସେମାନଙ୍କ ବେଆଇନ ନିର୍ମାଣକୁ କ୍ଷମା କରି ଦିଆଯିବ ବୋଲି ଯଦି ସହରବାସୀ ଭାବୁଥିବେ, ତେବେ ଭୁଲି ଯାଆନ୍ତୁ ବୋଲି ଆର୍‌ଏମ୍‌ସି କମିସନର ଶ୍ରୀ କୁଲକର୍ଣ୍ଣି ଚେତାବନୀ ଦେଇଛନ୍ତି।

ଆଜି ରାଉରକେଲା ମହାନଗର ନିଗମ କମିସନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁଲକର୍ଣ୍ଣି କହିଲେ ଯେ ରାଉରକେଲା ସହରାଞ୍ଚଳରେ ବର୍ତ୍ତମାନ ବହୁ ପରିମାଣରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ସେମାନେ ଆର୍‌ଏମ୍‌ସି ଠାରୁ ପ୍ଲାନ ମଞ୍ଜୁରି ନ ନେଇ କାର୍ଯ୍ୟ କରୁଛନ୍ତି। ୨୦୨୦ ମସିହାରେ ଓଡ଼ିଶା ସରକାରଙ୍କ ଏକ ନିୟମ ହୋଇଥିଲା, ଯେଉଁଥିରେ ସହରାଞ୍ଚଳରେ ନିର୍ମାଣ କରାଯାଉଥିବା ନୂତନ ଗୃହ ପାଇଁ ସମ୍ପୃକ୍ତ ବିଭାଗରୁ ପ୍ଲାନିଂ ନେବା ଅତ୍ୟନ୍ତ ଜରୁରି। ଏହାଛଡ଼ା ଗତ ଡିସେମ୍ବର ମାସରେ ଭାରତୀୟ ଉଚ୍ଚତମ ନ୍ୟାୟାଳୟ (ସୁପ୍ରିମ କୋର୍ଟ) ଏକ ରାୟରେ ନିର୍ଦ୍ଦେଶ ଦେଇଥିଲେ ଯେ, ଯେଉଁ ଗୃହ ବିନା ପ୍ଲାନିଂରେ ନିର୍ମାଣ ହୋଇଥିବ ଏବଂ ଗୃହର ଅକ୍ୟୁପାନ୍ସି ସାର୍ଟିଫିକେଟ ନଥିବ, ସେ ଗୃହକୁ ବିଜୁଳି ଓ ପାଣି (ୟୁଟିଲିଟି) ସଂଯୋଗ ଦିଆଯାଇ ପାରିବ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଉରକେଲା ମହାନଗର ନିଗମର ଆଡମିନିଷ୍ଟ୍ରେଟର ତଥା ସୁନ୍ଦରଗଡ଼ ଜିଲ୍ଲାପାଳ ଏକ ନୂଆ ନିୟମ ଲାଗୁ କରିଛନ୍ତି। ଏହି ନିୟମ ଅନୁସାରେ ଫେବୃଆରୀ ୧ ତାରିଖ ୨୦୨୫ ଠାରୁ ମ୍ୟୁନିସିପାଲ ଅଞ୍ଚଳରେ ଯେଉଁ ନୂତନ ଗୃହ ନିର୍ମାଣ ହେବ, ସେହି ଗୃହ ନିର୍ମାଣ କରୁଥିବା ମାଲିକମାନେ ରାଉରକେଲା ମହାନଗର ନିଗମ ଅଧୀନ ପ୍ଲାନିଂ ସେକ୍ସନରୁ ପ୍ଲାନିଂ ନେବାକୁ ହେବ। ଏହି ପ୍ଲାନିଂ ମହାନଗର ନିଗମର ଏକ ପୋର୍ଟାଲ ମାଧ୍ୟମରେ ମଧ୍ୟ ନେବାକୁ ପଡୁଛି। ପ୍ଲାନିଂ ନେବା ପରେ ଗୃହ ମାଲିକ ଗୃହ ନିର୍ମାଣ କରିବେ ଏବଂ ଗୃହ ନିର୍ମାଣ କାର୍ଯ୍ୟ ସାରିବା ପରେ, ସମ୍ପୃକ୍ତ ଗୃହ ମାଲିକ ରାଉରକେଲା ମହାନଗର ନିଗମରୁ ଅକ୍ୟୁପାନ୍ସି ସାର୍ଟିଫିକେଟ ନେବେ। ଏହି ଅକ୍ୟୁପାନ୍ସି ସାର୍ଟିଫିକେଟର ନକଲ ଗୃହ ମାଲିକ ନେଇ ଟିପିଡବ୍ଲୁଓଡିଏଲ୍ (ବିଜୁଳି

- **ଗୃହ ନିର୍ମାଣ ପାଇଁ ପ୍ଲାନିଂ ମଞ୍ଜୁରି ଓ ଅକୁପେସନ୍ ସାର୍ଟିଫିକେଟ୍ ବାଧ୍ୟତାମୂଳକ**
- **ମଞ୍ଜୁରି ନଥିଲେ ମିଳିବନି ବିଦ୍ୟୁତ୍ ଓ ପାଣି ସଂଯୋଗ**

ବିଭାଗ) ଏବଂ ୱାଟ୍‌କୋ (ଜଳ ଯୋଗାଣ ବିଭାଗ)ରେ ଜମା କଲେ ହିଁ ସେମାନଙ୍କୁ ବିଜୁଳି ଓ ପାଣି ସଂଯୋଗ ଦିଆଯିବ। ଏ ନେଇ ଟିପିଡବ୍ଲୁଓଡିଏଲ୍ ଓ ୱାଟ୍‌କୋ କର୍ତ୍ତୃପକ୍ଷଙ୍କୁ ଆର୍‌ଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ଶ୍ରୀ କୁଲକର୍ଣ୍ଣି ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ ଏହି ନିୟମ କେବଳ ନୂତନ ଗୃହ ନିର୍ମାଣ ପାଇଁ ଲାଗୁ ହେବ। କେତେକ ଘର ମାଲିକ ଏକ ତାଲା ବିଶିଷ୍ଟ ଘର ନିର୍ମାଣ ପାଇଁ ଅନୁମତି ନେଇ ଦୁଇ ବା ତିନି ତାଲା କିମ୍ବା ତଦୁର୍ଦ୍ଧ ତାଲା ବିଶିଷ୍ଟ ଘର ନିର୍ମାଣ କରୁଛନ୍ତି। ଆଉ କେତେକ ଘରୋଇ ବାସୋପଯୋଗୀ ଉଦ୍ଦେଶ୍ୟରେ ପ୍ଲାନିଂ ମଞ୍ଜୁରି ନେଇ ପରେ ବହୁ ତଳ ବିଶିଷ୍ଟ କୋଠା ନିର୍ମାଣ କରି ତାକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି। ଏଣିକି ତାହା ଚଳିବ ନାହିଁ। ତେଣୁ ଯେଉଁମାନେ ନୂତନ ଗୃହ ନିର୍ମାଣ କରୁଛନ୍ତି ସେମାନେ, ମହାନଗର ନିଗମର ପ୍ଲାନିଂ ଏବଂ ଅକ୍ୟୁପାନ୍ସି ସାର୍ଟିଫିକେଟ ନେଇ ବିଦ୍ୟୁତ ଓ ପାଣି ସଂଯୋଗ କରନ୍ତୁ। ନଚେତ୍ ଟିପିଡବ୍ଲୁଓଡିଏଲ୍ ଏବଂ ୱାଟ୍‌କୋ ସେମାନଙ୍କୁ ବିଦ୍ୟୁତ ଓ ପାଣି ସଂଯୋଗ ଦେବାକୁ ମନା କରିବା ସହିତ, ମହାନଗର ନିଗମ ପକ୍ଷରୁ ସମ୍ପୃକ୍ତ ଗୃହକୁ ଭାଙ୍ଗି ଦିଆଯିବା ପାଇଁ ପଦକ୍ଷେପ ନିଆଯିବ। ଏବେ ରାଉରକେଲା ସହରରେ ପ୍ରାୟ ୯୦ଟି ଗୃହ ନିର୍ମାଣ ବେଆଇନ, ବିନା ପ୍ଲାନିଂରେ ରହିଥିବାରୁ ସେମାନଙ୍କୁ ନୋଟିସ୍ ଜାରି କରାଯାଇଛି ବୋଲି ମଧ୍ୟ ଶ୍ରୀ କୁଲକର୍ଣ୍ଣି ସୂଚନା ଦେଇଛନ୍ତି। ଏହି ଅବସରରେ ଆର୍‌ଏମ୍‌ସି ଉପାୟୁକ୍ତ ଅନୀତା ନାଏକ, ସହକାରୀ ପ୍ଲାନିଂ ଅଧିକାରୀ ସାରଙ୍ଗ ପଟେଲ ଉପସ୍ଥିତ ଥିଲେ।

# 'ରାଷ୍ଟ୍ର ନିର୍ମାଣ ଓ ସାମାଜିକ ଉତ୍ଥାନ ଶିକ୍ଷାର ମୂଳ ଉଦ୍ଦେଶ୍ୟ'



**ରାଉରକେଲା, ୧୩।୨(ସମିସ):** ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ୪୦ ବର୍ଷ ପୂରଣ ଅବସରରେ ଏକ ଜାତୀୟ ଆଲୋଚନାଚକ୍ର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଣିପୁରର ଜାତୀୟ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବୁଦ୍ଧେଶ୍ୱର୍ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ସଂସ୍କୃତ ହେଉଛି ସଂହତିର ଭାଷା, ରାଷ୍ଟ୍ର ନିର୍ମାଣ ତଥା ସାମାଜିକ ଉତ୍ଥାନ ହେଉଛି ଶିକ୍ଷାର ମୂଳ ଉଦ୍ଦେଶ୍ୟ। ସଂସ୍କୃତ ଶିକ୍ଷା ଗ୍ରହଣ କରିଥିବା ଛାତ୍ରଛାତ୍ରୀ ସର୍ବଦା ଉପାର୍ଜନ କ୍ଷମ ଅଟନ୍ତି। ସଭାପତି କହିଥିଲେ, ସଂସ୍କୃତ ସାହିତ୍ୟ ହେଉଛି ଭାରତୀୟ ଆଧ୍ୟାତ୍ମିକବାଦ ପୃଷ୍ଠଭୂମି ଓ ବେଦ, ବେଦାନ୍ତ, ମହାଭାରତ, ରାମାୟଣ ତଥା ଜ୍ୟୋତିଷ ଶାସ୍ତ୍ରର ଭାଷା। ସମ୍ମାନିତ ବକ୍ତା ଭାବେ ଡ. କାଳୀଙ୍କିକର ପଣ୍ଡା, ଡ. ପରମେଶ୍ୱର ଶତପଥୀ, ଡ. କେଦାରନାଥ ପାଢ଼ୀ, ଡ ସୁରେଶ ଚନ୍ଦ୍ର ଭୋଇ ଯୋଗ ଦେଇଥିଲେ। ଡ. ଶିବ ପ୍ରସାଦ ପାଠୀ ବେଦମନ୍ତ୍ର ପାଠ ସହ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ସନ୍ତୋଷ କୁମାର ଲେଙ୍କା ପରିଚାଳନା କରିଥିଲେ। ଶ୍ୟାମାମାଲା ଦାସ ଧନ୍ୟବାଦ ଦେଇଥିଲେ।

# ଜେଇଇ ମେନ୍ ପରୀକ୍ଷାରେ ଡିପିଏସ୍ ଆଗରେ

**ରାଉରକେଲା, ୧୩।୨(ସମିସ):** ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ ପରୀକ୍ଷା ଫଳାଫଳରେ ରାଉରକେଲା ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ର ୧୭ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ




ମାର୍କ ରଖି ସହରରେ ଆଗରେ ରହିଥିବା ସୂଚନା ମିଳିଛି। ଦିଲ୍ଲୀ ପବ୍ଲିକ୍ ସ୍କୁଲର ଛାତ୍ର ଶ୍ରେୟାଂଶ ବେହେରା ୯୯.୮୦ ପର୍ସେଣ୍ଟାଇଲ ମାର୍କ ରଖି ଡିପିଏସ୍‌ର ଗୌରବ ବୃଦ୍ଧି କରିଥିବାବେଳେ ଡିପିଏସ୍‌ର ଛାତ୍ର ଅଭିଜିତ ଦାଶ ୯୯.୭୩ ପ୍ରତିଶତ, ଛାତ୍ରୀ ଆହାନା କର ୯୯.୮୦, ଅନିଷ କୁମାର ୯୯.୧୨, ଅର୍ମାନ ପଣ୍ଡା ୯୮.୭୫, ପ୍ରଶାନ୍ତ କୁମାର ଝା ୯୮. ୩୮, ନମନ ନିଳୟ ବାର୍ଡତିଆ ୯୮. ୦୬, ଅନ୍ୱେଷା ନନ୍ଦୀ ୯୭. ୯୧, ଶ୍ରୀଜା ସିଂହ ୯୬.୨୪, ଅଭିପ୍ସା ବେହେରା ୯୫.୯୯ ପର୍ସେଣ୍ଟାଇଲ, ସତ୍ୟବ୍ରତ ସାହୁ ୯୫.୯୭, ପ୍ରୟାସ ପଟ୍ଟନାୟକ ଓ ଶୁଭଜିତ୍ ଦାସ ୯୫.୬୪ ପ୍ରତିଶତ ମାର୍କ ରଖିଥିବା ସୂଚନା ମିଳିଛି। ଡିପିଏସ୍ ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ଅଧ୍ୟକ୍ଷା ଡକ୍ଟର ଜୟା ଚୌହାନ ସେମାନଙ୍କ କଠୋର ପରିଶ୍ରମ ଏବଂ ଅଧ୍ୟୟନ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ସେମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ଡିଏଭି ସ୍କୁଲ ଛାତ୍ରଙ୍କ ସଫଳତା

ସେହିପରି ରାଉରକେଲା ବାସନ୍ତୀ ନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଜେଇଇ ମେନ୍ ପରୀକ୍ଷା ଫଳାଫଳରେ ସ୍କୁଲର ୧୪ ଜଣ ଛାତ୍ର ୯୦ ପର୍ସେନଣ୍ଟାଇଲ୍‌ରୁ ଅଧିକ ରଖି କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରାଂଶୁ ଦାସ ୯୯.୫୨ ପର୍ସେଣ୍ଟାଇଲ ମାର୍କ ରଖିଥିବା ବେଳେ ସତ୍ୟମ ଦାସ ୯୯.୩୪, ରୋଶନ କୁମାର ସେଠୀ ୯୯.୨୮, ଦେବାଂଶ ସାହୁ ୯୮.୯୫, ରୂପେଶ କୁମାର ୯୮.୨୪, ଶ୍ରଭ ଶ୍ରେୟାଂଶ ୯୬.୮୯, ରାହିଲ ଦାସ ୯୬.୧, ବିକାଶ କୁମାର



ସାହୁ ୯୫.୮ ପ୍ରତିଶତ ମାର୍କ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ପ୍ରଧାନ ଓ ଶିକ୍ଷକ ଶିକ୍ଷୟିତ୍ରୀ କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୀପିକା ଇଂରାଜୀ ମାଧ୍ୟମ ସ୍କୁଲ ସେହିପରି ରାଉରକେଲା ଦୀପିକା ସ୍କୁଲର ଛାତ୍ରଛାତ୍ରୀ ଜେଇଇ ମେନ୍ ସେସନ୍-୧ ଫଳାଫଳରେ ସଫଳତା ହାସଲ କରିବା ସହ ସ୍କୁଲର ୨୭ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ପର୍ସେଣ୍ଟାଇଲ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ଶ୍ରୀୟାଂଶ ଦେ ସର୍ବାଧିକ ୯୯.୬୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବେଳେ ସାରାଂଶ ମିଶ୍ର, ଆତ୍ରେୟୀପାଲ ଚୌଧୁରୀ, ଆନନ୍ଦିତା ଭୂୟାଁ ୯୯ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ମହୟମ ତ୍ରିପାଠୀ, ଶାମ୍ବତ ସାହୁ, ସୁଧାଂଶୁ ରଞ୍ଜନ, ସୁଜଲ ସରୋଜିତ, ଓମ୍ ଆଦିତ୍ୟ ମହାପାତ୍ର ୯୮ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ତନିଶା ଅଗ୍ରୱାଲ, ତନବୀର, ହବିବ୍ ଲସ୍‌କର, ପୁରବୀ ଅଗ୍ରୱାଲ ୯୭ ପ୍ରତିଶତରୁ ଅଧିକ, ସ୍ୱନ୍ଦିତା ମିଶ୍ର, ଗୌତମୀ ପାଣିଗ୍ରାହୀ, ରାକ୍ଷୀ ମହାପାତ୍ର ୯୬ ପ୍ରତିତ, ଶ୍ରୀତମ ପଣ୍ଡା, ଆର୍. ଗୌଥମ ୯୫ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରବୀଣ ଶର୍ମା ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଦୀପିକା ଇସ୍ପାତ ଶିକ୍ଷା ସଦନର ଦଶମ ବୋର୍ଡ ପରୀକ୍ଷାର୍ଥୀଙ୍କୁ କିଟ୍ ପ୍ରଦାନ

ରାଉରକେଲା, ୧୩।୨(ସମିସ): ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ଫେବୃଆରୀ ୧୩ ତାରିଖ ଦିନ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ ପରାମର୍ଶ ଏବଂ କିଟ୍ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟଟି ଇସ୍ପାତ ସହରର ଅଗ୍ରଣୀ ଜନହିତୈଷୀ ସଂଗଠନ, ଦୀପିକା ମହିଳା ସଂହତି ଦ୍ୱାରା ପରିଚାଳିତ। ଏହି ଅବସରରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଉତ୍ସବରେ ସଂହତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସିଏସ୍‌ଆର୍ ବିଭାଗର ଜିଏମ୍ ଇନ୍ ଚାର୍ଜ ମୁନମୁନ ମିତ୍ରା, ସମ୍ପାଦିକା ସାରିକା



କୁମାର ଡିଏମ୍‌ଏସ୍‌ର ପରିଚାଳନା କମିଟି ସଦସ୍ୟା ତଥା ସ୍ୱେଚ୍ଛାସେବୀ, ପ୍ରଧାନ ଶିକ୍ଷକ ଏସ୍‌କେ ସାମଲ ଏବଂ ବିଦ୍ୟାଳୟର ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ସ୍ନାକ୍ସ ପ୍ୟାକେଟ୍ ସହିତ କାର୍ଡ ବୋର୍ଡ ଏବଂ ଲେଖା ସାମଗ୍ରୀ କିଟ୍ ପ୍ରଦାନ କରିଥିଲେ। ବିଦ୍ୟାଳୟର ୮୭ ଛାତ୍ରଛାତ୍ରୀ ଚଳିତ ବର୍ଷର ଦଶମ ବୋର୍ଡ ପରୀକ୍ଷା ଦେବେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ବିଜୟିନୀ ଜେନା ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୬ ମସିହାରେ ପ୍ରଥମ ବ୍ୟାଚ୍ ଛାତ୍ରଛାତ୍ରୀ ବୋର୍ଡ ପରୀକ୍ଷା ଦେଇଥିଲେ ଏବଂ ସେହି ଦିନଠାରୁ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରେକର୍ଡ ରହିଛି।

# ବିଶ୍ରା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



**ରାଉରକେଲା, ୧୩।୨(ସମିସ):** ଶିକ୍ଷକ ଓ ଶିକ୍ଷାର୍ଥୀ ସାମାଜିକ କଲ୍ୟାଣ ସଂଗଠନ ଆଭାଅନ୍ୱେଷ ପକ୍ଷରୁ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସୁପ୍ରଭାତ କୁମାର ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଂଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ସଂଗଠନର ସମସ୍ତ ସଦସ୍ୟ ଓ ସଦସ୍ୟାବୃନ୍ଦ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ସଭାରେ ସଂଗଠନର ସମ୍ପାଦକ ତଥା ପୂର୍ବତନ କୁତ୍ରା ବିଇଓ ଶରତ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀ ବେହେରା ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ଭଞ୍ଜ, ଗୋବିନ୍ଦ ପଶାୟତ, ଅଭୟ ସାହୁ, ଅନନ୍ତ ଚରଣ ନାୟକ, ଆନନ୍ଦ ଚନ୍ଦ୍ର ମଲ୍ଲିକ୍, ସିଆର୍‌ସିସି ବିଦ୍ୟୁତଲତା ସୂତାର, ସିଆରସିସି ହରିହର ବେହେରା, ରଶ୍ମିତା ମହାନ୍ତଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗୁରୁ ରବିଦାସଜୀଙ୍କ ଜୟନ୍ତୀ

**ସୁନ୍ଦରଗଡ଼, ୧୩।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରୋହିଦାସ ସେବା ସଂଘ ଆନୁକୂଲ୍ୟରେ ସନ୍ଥ ଶିରୋମଣୀ ଗୁରୁ ରବିଦାସ ଜୀ ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଗୁରୁ ରବିଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରା ଯାଇଥିଲା। ଉପସଭାପତି ସୁକାନ୍ତ ରୋହିଦାସ ଓ କାର୍ଯ୍ୟକାରୀ ସଭାପତି ଡିଗ୍ରିଲାଲ ମେହେରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ସଂଘର ସମ୍ପାଦକ ଯୋଗେନ୍ଦ୍ର ରୋହିଦାସ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଓଡ଼ିଶା ରୋହିଦାସ ସମାଜ ସଭାପତି ସୀତାରାମ ମେହେର, କଳାହାଣ୍ଡି ରୋହିଦାସ ସମାଜ ସଭାପତି ଶଙ୍କର ମେହେର, ସମ୍ବଲପୁରରୁ ଗୁରୁମିତ ସିଂ, ବରଗଡ଼ରୁ ଗଣେଷ ମିରିଗ, ଝାରସୁଗୁଡ଼ାରୁ ଚନ୍ଦ୍ରକାନ୍ତ ମିରିଗ, ଇଂଜିନିୟର ସୀତାରାମ ରୋହିଦାସ ଅତିଥି ଭାବେ ଯୋଗ ଦେଇ ଗୁରୁ ରବିଦାସଙ୍କ ମହାନ ଗୁଣଗାନ କରିବା ସହ ତାଙ୍କ ବିଚାରଧାରାରେ ଅନୁପ୍ରାଣୀତ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର, ଉପନଗରପାଳ ଲଳାଟେନ୍ଦୁ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ ନାଏକ, କାଉସିଲର ରଜନୀ ରୋହିଦାଶ ଯୋଗ ଦେଇ ରୋହିଦାସ ସମାଜର ଉନ୍ନତି ଦିଗରେ ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଜିତ ରୋହିଦାସ, ବୈକୁଣ୍ଠ ରୋହିଦାସ, ଭୈରବ ରୋହିଦାସ, ରନ ରୋହିଦାସ, ଯୋଗେନ୍ଦ୍ର ମେହେର, ଯୋଗେଶ୍ୱର ରୋହିଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଥାନା ଆଇଆଇସିଙ୍କ ଯୋଗଦାନ

**ସୁନ୍ଦରଗଡ଼, ୧୩।୨(ସମିସ):** ଲେଫ୍ରିପଡ଼ା ଥାନା ଆଇଆଇସି ଭାବେ ପୁଲିସ ଇନ୍ସପେକ୍ଟର



ଚିତ୍ତରଞ୍ଜନ ନାୟକ ଯୋଗ ଦେଇଛନ୍ତି। ଆଇଆଇସି ଦାୟିତ୍ୱରେ ଥିବା ସବ୍ ଇନ୍ସପେକ୍ଟର ଜୟନ୍ତୀ ନାଏକଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଆଇସି ଶ୍ରୀ ନାୟକ ଗତ ବର୍ଷ ଫେବୃଆରୀ ମାସରେ ଏହି ଥାନାରୁ ରିଲିଭ ହୋଇ ରାଉରକେଲା ପୁଲିସ ଜିଲ୍ଲାରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ବନ୍ଧମୁଣ୍ଡା ଥାନା ଦାୟିତ୍ୱ ମିଳି ଥିଲା। ସୂଚନାଯୋଗ୍ୟ, ଏଥିପୂର୍ବରୁ ଲେଫ୍ରିପଡ଼ା ଥାନାକୁ ହେମଗିରି ଆଇଆଇସି ପ୍ରଶାନ୍ତ କୁମାର ସାହୁଙ୍କ ବଦଳି ହୋଇଥିଲେ ହେଁ ସେ ଏଠାରେ ଯୋଗ ଦେଇ ନ ଥିଲେ।

# ଏନ୍‌ଆଇଟି ରାଉରକେଲାରେ ଏଏଫ୍‌ଡିପି ଅନ୍‌ଲାଇନ୍ କାର୍ଯ୍ୟକ୍ରମ

**ରାଉରକେଲା, ୧୩।୨(ସମିସ):** ଏନ୍‌ଆଇଟି ରାଉରକେଲାର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଫେବୃଆରୀ ୧୦ ରୁ ୧୫ ତାରିଖ ପର୍ଯ୍ୟନ୍ତ 'ଏର୍ଥୱାଇଜ୍: ଉନ୍ନତ କାଲି ପାଇଁ ଜଳବାୟୁ କାର୍ଯ୍ୟ ଏବଂ ସ୍ଥାୟିତ୍ୱ ପରିବର୍ତ୍ତନ' ଶୀର୍ଷକ ୬ ଦିନିଆ ଅଟଳ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ (ଏଫଡିପି) ଅନ୍‌ଲାଇନ୍ ଅଧିବେଶନ ଆୟୋଜିତ ହୋଇଯାଇଛି। ଏହି ପାଠ୍ୟକ୍ରମଟିକୁ ଏଆଇସିଟିଇ ଟ୍ରେନିଂ ଆଣ୍ଡ ଲର୍ଣ୍ଣିଂ (ଅଟଳ) ଏକାଡେମୀ ପ୍ରାୟୋଜିତ କରିଥିଲେ। ସୂଚନାଯୋଗ୍ୟ ଯେ ଏହା ସମଗ୍ର ଭାରତରେ କର୍ପୋରେଟ୍, ଫ୍ୟାକଲ୍ଟି, ରିସର୍ଚ୍ଚ ସ୍କଲାର ଏବଂ ପିଜି ଛାତ୍ରମାନଙ୍କ ପାଇଁ ବିଭିନ୍ନ ପ୍ରମୁଖ କ୍ଷେତ୍ର ଏବଂ ଉଦୀୟମାନ କ୍ଷେତ୍ରରେ ଅନଲାଇନ୍ / ଅଫ୍‌ଲାଇନ୍ ଏଫ୍‌ଡିପି ପରିଚାଳନା ପାଇଁ ଏକ ପ୍ଲାଟଫର୍ମ। ବିଭାଗ ପକ୍ଷରୁ ସାରା ଦେଶରୁ ୧୦୦ରୁ ଅଧିକ ଅଧ୍ୟାପକ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ କାର୍ଯ୍ୟକ୍ରମ ସଂଯୋଜକ ଏବଂ ଏନ୍‌ଆଇଟି ରାଉରକେଲାର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସହକାରୀ ପ୍ରଫେସର ଡକ୍ଟର ମାନବେନ୍ଦ୍ର ପ୍ରତାପ ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବର୍ତ୍ତମାନ ସଂସାରରେ ଜଳବାୟୁ ସହନଶୀଳତାର ଗୁରୁତ୍ୱ ଏବଂ କିପରି ପରିବେଶ, ସାମାଜିକ ଏବଂ ଶାସନ ନୀତିଗତ ମୂଲ୍ୟମାନ ଦୀର୍ଘକାଳୀନ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏନ୍‌ଆଇଟି ରାଉରକେଲାର ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ସହ-ସଂଯୋଜକ, ଅଧ୍ୟକ୍ଷ ଏବଂ ବିଭାଗର ମୁଖ୍ୟ ପ୍ରଫେସର ଚନ୍ଦନ କୁମାର ସାହୁ ସମାବେଶକୁ ସମ୍ବୋଧିତ କରିଥିଲେ। ଏନ୍‌ଆଇଟି ରାଉରକେଲାର ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିକ୍ଷିପ୍ତ ଭାରତ ୨୦୪୭ର ଦୃଷ୍ଟିକୋଣ ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ପରିବେଶଗତ ସ୍ଥାୟିତ୍ୱ ଭଳି କ୍ଷେତ୍ରରେ ସ୍ଥାୟୀ ରଣନୀତି ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ରାଉରକେଲା ଦ୍ୱାରା ଏକ ସ୍ଥାୟୀ କ୍ୟାମ୍ପସ ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

# ଆର୍‌ଏସ୍‌ପି ବିତ୍ତ ଓ ଲେଖା ବିଭାଗର ୩ ଅଧିକାରୀ ପୁରସ୍କୃତ

**ରାଉରକେଲା, ୧୩।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଇଡିଏଫ୍ ଆଣ୍ଡ ଏ କାର୍ଯ୍ୟାଳୟର ଚିନ୍ତନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ବିତ୍ତ ଓ ଲେଖା ବିଭାଗର ତିନି ଜଣ ବରିଷ୍ଠ ଅଧିକାରୀଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ପାଇଁ 'ସେଲ୍‌ଫ ସାବାସ' ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ଆର୍‌ଏସ୍‌ପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ କେ ବେହୁରିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବରିଷ୍ଠ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ରାଜେଶ ଦାସଗୁପ୍ତା ଏବଂ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାମାନେ ହେଉଛନ୍ତି ବିତ୍ତ ଓ ଲେଖା ବିଭାଗର ଜିଏମ୍ ଏନ୍ କାମେଶ୍ୱର ରାଓ, ଦିବାକର ପରିଡ଼ା ଏବଂ ସମୀର କୁମାର ରାୟ। ରାଓ ଏବଂ ଶ୍ରୀ ପରିଡ଼ା ସାବାସ ଯୋଜନାର ବର୍ଗ-୧ ଅନ୍ତର୍ଗତ ପୁରସ୍କୃତ



ହୋଇଥିଲାବେଳେ ଶ୍ରୀ ରାୟଙ୍କୁ ବର୍ଗ-୨ ଅଧୀନରେ ୫ହଜାର ଟଙ୍କା ପୁରସ୍କାର ରାଶି ସହିତ ପୁରସ୍କୃତ କରାଯାଇଥିଲା।

ସ୍ୱୟଂଚାଳିତ ଇନଭଏସ୍ ପ୍ରକ୍ରିୟାକରଣ (ଆରଜେସି) ସିଷ୍ଟମ କାର୍ଯ୍ୟକାରୀ କରିବା, ୧୦ ହଜାର କର୍ମଚାରୀ ଏବଂ ପୂର୍ବତନ କର୍ମଚାରୀଙ୍କ ଅଧିକ ପେନସନ ପାଇଁ ସମସ୍ତ ତଥ୍ୟ ସଫଳତାର ସହ ଆରପିଏଫସିକୁ ଦାଖଲ କରିବା ଏବଂ ବୋଲାଣି ଭବିଷ୍ୟନିଧି ଟ୍ରଷ୍ଟ ଓ ଆରଏସପି ଭବିଷ୍ୟନିଧି ଟ୍ରଷ୍ଟ ମିଶ୍ରଣ କାର୍ଯ୍ୟ ସଫଳ ସମ୍ପାଦନ ଭଳି ବିଭିନ୍ନ ପ୍ରଶଂସନୀୟ କାର୍ଯ୍ୟ ପାଇଁ ବରିଷ୍ଠ ଅଧିକାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ବିତ୍ତ ଓ ଲେଖା ବିଭାଗର ଡିଜିଏମ୍ ଏସ୍ ଆର୍ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସାମ୍ବାଦିକଙ୍କୁ ଭତ୍ତା, ନିରାପତ୍ତା ଓ ଅଧିସ୍ୱୀକୃତି ମିଳୁ

ରାଉରକେଲା, ୧୩।୨(ସମିସ)

ଓଡ଼ିଶା ସାମ୍ବାଦିକ ୟୁନିଅନ ଡାକରାରେ ସାରା ଜିଲ୍ଲାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାମ୍ବାଦିକମାନଙ୍କ ପେନ୍‌ସନ୍, ପ୍ରୋଟେକ୍‌ସନ୍ ଓ ଆକ୍ରିଡେସନ (ଭତ୍ତା, ନିରାପତ୍ତା ଓ ଅଧିସ୍ୱୀକୃତି) ଦାବି କରି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏ ନେଇ ଗୁରୁବାର ରାଉରକେଲାଠାରେ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିସନର ଆଶୁତୋଷ କୁଲକର୍ଣ୍ଣିଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



## ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଏବେ ବଜେଟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଅଧିବେଶନ ସମୟରେ ସାମ୍ବାଦିକଙ୍କ ଦାବିକୁ ବିଚାରକୁ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଦାବିଗୁଡ଼ିକ ସମ୍ପର୍କରେ ଅବଗତ କରାଇବା ସହ ଅଧିବେଶନର ଅବଧି ମଧ୍ୟରେ ସାମ୍ବାଦିକଙ୍କ ଦାବି ପୂରଣ କରିବାକୁ ସଂଘ ଦାବି କରିଛି। ଏ ଦିଗରେ ରାଜ୍ୟ ସରକାରଙ୍କ ଠାରୁ ନିର୍ଦ୍ଦିଷ୍ଟ ଘୋଷଣା ଆଶା କରିଛି ସଂଘ। ଦାବିଗୁଡ଼ିକ ମଧ୍ୟରେ ରାଜ୍ୟରେ ଅବସରପ୍ରାପ୍ତ ସାମ୍ବାଦିକଙ୍କୁ ମାସିକ ଅନ୍ୟୁନ ୨୫ ହଜାର ଟଙ୍କାର ପେନସନ୍ ପ୍ରଦାନ କରାଯାଉ। ଦେଶର ୧୮ଟି ରାଜ୍ୟରେ ଏବେ ସାମ୍ବାଦିକମାନେ ପେନସନ୍ ସୁବିଧା ପାଉଛନ୍ତି। ସାମ୍ବାଦିକଙ୍କ ନିରାପତ୍ତା ପାଇଁ ବିଧାନସଭାର ଚଳିତ ଅଧିବେଶନରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ। ଇତି ମଧ୍ୟରେ ମହାରାଷ୍ଟ୍ର ଓ ଛତିଶଗଡ଼ ସରକାର ଏଭଳି ଆଇନ ପ୍ରଣୟନ କରି ସାରିଛନ୍ତି। ବିଡ଼ମ୍ବନାର ବିଷୟ ଆମ ରାଜ୍ୟରେ ଦୀର୍ଘ ୧୬ ବର୍ଷ ହେଲା ସାମ୍ବାଦିକ ଅଧିସ୍ୱୀକୃତି କମିଟି ନାହିଁ। ପ୍ରଚଳିତ ଅଧିସ୍ୱୀକୃତି ନିୟମ ଢେର୍ ପୁରୁଣା। ଏ ବାବଦରେ ପ୍ରେସ୍ କାଉନ୍‌ସିଲ୍ ପକ୍ଷରୁ ପୂର୍ବ ସରକାରଙ୍କୁ ଅବଗତ କରାଯାଇ ଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା ହୋଇନାହିଁ। ତୁରନ୍ତ ରାଜ୍ୟରେ ସାମ୍ବାଦିକ ଅଧିସ୍ୱୀକୃତି କମିଟି ଗଠନ କରାଯାଉ ଓ ପିଆଇବି ଢାଞ୍ଚାରେ ରାଜ୍ୟ ଅଧିସ୍ୱୀକୃତି ନିୟମରେ ଆବଶ୍ୟକୀୟ ସଂଶୋଧନ କରାଯାଉ। ବରିଷ୍ଠ ସାମ୍ବାଦିକଙ୍କୁ ଭେଟେରାନ ସାମ୍ବାଦିକ କିମ୍ବା ବିଶିଷ୍ଟ ସାମ୍ବାଦିକ ଭାବେ ଅଧିସ୍ୱୀକୃତି ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛି।

## ହଷ୍ଟେଲ କୋଠରିରେ ଝୁଲିପଡ଼ିଲେ ଛାତ୍ରୀ

**ହେମଗିରି,୧୩।୨(ସମିସ):** ହେମଗିରି ଥାନା ବଲିଙ୍ଗା ଫାଣ୍ଡି ଗଡ଼ତୁମଲିଆସ୍ଥିତ ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ ଜୈନିକା ଛାତ୍ରୀ ଫାଶୀ ଲଗାଇ ଆ।।ହତ୍ୟା କରିଥିବା ଜଣାପଡ଼ିଛି। ଛାତ୍ରୀ ଜଣକ ହେଲେ ନବମ ଶ୍ରେଣୀର ଚାନ୍ଦିନୀ ଢିଲା (୧୪)। ଗୁରୁବାର ଅପରାହ୍ଣରେ ସେ ହଷ୍ଟେଲରେ ଏକା ଥିବା ବେଳେ କୋଠରିରେ ଫାଶୀ ଲଗାଇ ଝୁଲିପଡ଼ିଥିଲେ। ଛାତ୍ରୀମାନେ ହଷ୍ଟେଲ କୋଠରିକୁ ଆସି ଭିତରପଟୁ କବାଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ୱଡେନଙ୍କୁ କହିବା ପରେ ସମସ୍ତେ ଆସି କବାଟ ଭାଙ୍ଗି ଖୋଲିବା ପରେ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଶବ ଓହ୍ଲାଇ ହେମଗିରି ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଥିଲା। ମୃତଦେହ ଆସନ୍ତା କାଲି ବ୍ୟବଚ୍ଛେଦ କରାଯିବ। ସୂଚନା ଅନୁସାରେ ମୃତା ଛାତ୍ରୀ ନିକଟସ୍ଥ ପତ୍ରାପାଲି ଗାଁ ର ପ୍ରକାଶ ଢିଲାଙ୍କ ଝିଅ। ସେ ଉକ୍ତ ବିଦ୍ୟାଳୟରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଆଜି ସେ ତାଙ୍କର ଦେହ ଅସୁସ୍ଥ ଥିବା କହି ଛୁଟି ନେଇଥିଲେ। ତାଙ୍କ ମୃତ୍ୟୁର ସଠିକ୍ କାରଣ ଏଯାଏଁ ଜଣାପଡ଼ିନଥିବା ବେଳେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ଛାତ୍ରୀ ଜଣକ କାହିଁକି, କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଲେ ସେ ନେଇ ନାନା ପ୍ରକାରର କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏହି ଘଟଣା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୂମିକାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

**ଜାତିବାଦର ବିଷବଳୟ**

# ଯୁବକଙ୍କ ମୃତଦେହ ଛୁଇଁଲେନି ପରିବାରବର୍ଗ

**ସୁନ୍ଦରଗଡ଼,୧୩।୨(ସମିସ)**

ଜାତିବାଦର ବିଷବଳୟ ଯୋଗୁଁ ସୁନ୍ଦରଗଡ଼ରେ ଅନେକ ମୃତଦେହକୁ କାନ୍ଧ ମିଳିପାରୁନି। ନୀଚ ଜାତିରେ ବିବାହ କରି.ବା ମହିଳା, ପୁରୁଷଙ୍କ ମୃତ୍ୟୁ ପରେ ତାଙ୍କ ଆତ୍ମୀୟସ୍ୱଜନ ଅନ୍ତିମ ସଂସ୍କାର ତ ଦୂରର କଥା, ମଲା ମୁହଁ ବି ଦେଖୁନାହାନ୍ତି। ଏଠାରେ ଗୋଟିଏ ପରେ ଗୋଟିଏ ଏପରି ଲଜ୍ଜାଜନକ ଘଟଣା ଘଟି ଚାଲିଥିବାବେଳେ ସଦ୍ୟ ଆଉ ଏକ ଘଟଣା ଯୋଡ଼ି ହୋଇଛି। ଜଣେ ଯୁବ ଗୃହରକ୍ଷୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ପାଖ ମାଡ଼ି ନାହାନ୍ତି। ବଡ଼ ଭାଇ ମୋବାଇଲ ସୁଇଚ୍ ଅଫ୍ କରି ରଖିଛନ୍ତି। ଏଠାରେ ବିଗତ ୧୫ ଦିନ ମଧ୍ୟରେ ଏହା ତୃତୀୟ ଘଟଣା।



ଘଟଣାଟି ଏହିପରି, ସ୍ଥାନୀୟ ରିଜର୍ଭ ପୁଲିସରେ କାମ କରୁଥିବା ରାଣୀବଗିଚାର ଶେଖର ଶର୍ମା (୩୩) ଅନ୍ୟ ଜାତିରେ ବିବାହ କରିବାରୁ ପରିବାର ତଥା ଜାତି ଭାଇ ତାଙ୍କୁ ବାସନ୍ଦ କରିଥିଲେ। ଏ ସ୍ଥିତିରେ ସେ ତାଙ୍କ ପତ୍ନୀ କନ୍ୟାଙ୍କୁ ନେଇ ସ୍ଥାନୀୟ ଡେଙ୍ଗିଭାଡ଼ିରେ ଭଡ଼ା ଘରେ ରହି ଆସୁଥିଲେ। କିଛିଦିନ ଆଗରୁ ଶେଖରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ତାଙ୍କ ସ୍ତ୍ରୀ ବୁର୍ଲା ଭିମସାରଠାରେ ଚିକିତ୍ସା କରାଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଥିଲା। ସ୍ତ୍ରୀ ବୁର୍ଲା ଡାକ୍ତରଖାନାରୁ ଶେଖରଙ୍କ ମୃତଦେହ ଗ୍ରହଣ କରି ସନ୍ଧ୍ୟାରେ ତାଙ୍କ ଭଡ଼ା ଘରେ ପହଞ୍ଚିଥିଲେ। ହେଲେ ମୃତ ଶେଖରଙ୍କ ପରିବାର ତଥା ଜାତିଭାଇ ପାଖ ମାଡ଼ି ନ ଥିଲେ। ଏହି ଯୁବକଙ୍କ ମୃତ୍ୟୁରେ ସମବେଦନା ଜଣାଇ ଅନ୍ତିମ ସଂସ୍କାର ତ ଦୂରର କଥା, ମଲା ମୁହଁ ମଧ୍ୟ ଦେଖି ନ ଥିଲେ। ଘର ମାଲିକ ଶେଖରଙ୍କ ବଡ଼ଭାଇଙ୍କୁ ମୃତ୍ୟୁ ଖବର ଦେବା ପରେ ସେ ମୋବାଇଲ ବନ୍ଦ କରି ରଖିଛନ୍ତି। ଦୀର୍ଘ ୧୫ ଘଣ୍ଟା ଧରି ଶେଖରଙ୍କ ମର ଶରୀର ପଡ଼ି ରହିବା ପରେ ବଡ଼ଗାଁରେ ରହୁଥିବା ତାଙ୍କ ଜଣେ ଶାଳକ ଆସିଥିଲେ। କେବଳ ଶାଳକଙ୍କ ବ୍ୟତୀତ ଶ୍ୱଶୁର ଘରର ମଧ୍ୟ ଅନ୍ୟ କେହି ପାଖ ମାଡ଼ି ନ ଥିଲେ। ଶେଷରେ ଭଡ଼ାଘର ମାଲିକ ଶେଖରଙ୍କ ଅନ୍ତିମ ସଂସ୍କାର ପାଇଁ ଶ୍ମଶାନ ବନ୍ଧୁଙ୍କ ସହାୟତା ଲୋଡ଼ିଥିଲେ। ଫଳରେ ଶ୍ମଶାନ ବନ୍ଧୁ ଟିମର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡା, ଶିଶିର ବେହେରା, ଟିଂଟି ରକ୍ସା ଓ ଦେବେନ୍ଦ୍ର ସାହୁ ଶବବାହକ ଯାନ ଯୋଗେ ସ୍ଥାନୀୟ ସ୍ୱର୍ଗଦ୍ୱାରକୁ ନେଇ ଶେଖରଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଶେଖରଙ୍କ ୪ ବର୍ଷର କୁନି ଝିଅ ମୁଖାଗ୍ନି ଦେବା ଘଟଣା ଅତ୍ୟନ୍ତ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

## ରାଉରକେଲା ବିମାନ ବନ୍ଦରକୁ ବେଦବ୍ୟାସଙ୍କ ନାମରେ ନାମିତ ପାଇଁ ଦାବି

**ରାଉରକେଲା,୧୩।୨(ସମିସ):** ରାଉରକେଲା ବିମାନ ବନ୍ଦରକୁ ଭଗବାନ ବେଦବ୍ୟାସ ନାମରେ ନାମିତ ପାଇଁ ରେଳ ବ୍ୟବହାରକାରୀ ସଂଘ ପକ୍ଷରୁ ଦାବି କରାଯାଇଛି। ରାଉରକେଲା ଭଗବାନ ବ୍ୟାସଦେବଙ୍କ ପାଇଁ ବ୍ୟାସ କ୍ଷେତ୍ର ଭାବେ ବେଶ୍ ପ୍ରସିଦ୍ଧି ଲାଭ କରିଛି। ଭାରତ ବର୍ଷରେ ବିଭିନ୍ନ ପ୍ରାନ୍ତରେ ସ୍ୱାଧୀନତା ସଂଗ୍ରାମୀ, ବରପୁତ୍ର ତଥା ମହାପୁରୁଷଙ୍କ ନାମରେ ବିମାନ ବନ୍ଦରଗୁଡ଼ିକୁ ନାମିତ କରାଯାଉଥିବା ପରିପ୍ରେକ୍ଷୀରେ ଧୀବର କନ୍ୟା ସତ୍ୟବତୀ ଏବଂ ପରାଶର ଋଷିଙ୍କ ଔରସରୁ ଜାତ ମହାଭାରତ ରଚୟିତା ଭଗବାନ ବେଦବ୍ୟାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ରାଉରକେଲା ବିମାନ ବନ୍ଦରକୁ ବେଦବ୍ୟାସଙ୍କ ନାମରେ ନାମିତ କରାଯିବାକୁ ରେଳ ବ୍ୟବହାରକାରୀ ସଂଘ ସଭାପତି ଉତ୍ତମ କୁମାର ସାମଲ, ଓଡ଼ିଶା ରେଳ ବିକାଶ ସମିତିର ସତ୍ୟାନନ୍ଦ ବେହେରା, ଅମୂଲ୍ୟ ଚରଣ ବରାଳ, ସଂଗ୍ରାମ ମହାନ୍ତି ପ୍ରମୁଖ ପ୍ରସ୍ତାବ ଦେଇଛନ୍ତି। ଏନେଇ ବିହିତ ପଦକ୍ଷେପ ନେବାକୁ ସେମାନେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ନର୍ସିଂ କଲେଜରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ସୁନ୍ଦରଗଡ଼,୧୩।୨(ସମିସ):** ସୁରକ୍ଷିତ ଶୈଶବ ପ୍ରତିଟି ଶିଶୁର ଅଧିକାର ଏବଂ ଏହା ହିଁ ସୁସଂଗଠିତ ଓ ବିକଶିତ ରାଷ୍ଟ୍ର ଗଠନର ମୂଳଦୁଆ। ଏହା ବ୍ୟତୀତ ସୁସ୍ଥ ବାତାବରଣ ତଥା ସୁରକ୍ଷିତ କର୍ମସ୍ଥଳୀ ସମସ୍ତ କାର୍ଯ୍ୟକର୍ତ୍ତାଙ୍କର ଆବଶ୍ୟକ। ପ୍ରତିଟି ନାରୀକୁ କର୍ମକ୍ଷେତ୍ରରେ ସୁରକ୍ଷା ଯୋଗାଇଦେବା ନାଗରିକ ହିସାବରେ ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ଭେଡାବାହାଲ ନର୍ସିଂ କଲେଜଠାରେ ଆୟୋଜିତ ଆଇନଗତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଡ. ରୀନତି ମିଶ୍ର ମତ ବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ଡ. ମିଶ୍ର କର୍ମକ୍ଷେତ୍ରରେ ଯୌନ ଉତ୍ପୀଡନ ରୋକିବା ନିୟମ, ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ନିୟମାବଳୀ ତଥା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନର୍ସିଂ କଲେଜ ଅଧ୍ୟକ୍ଷଙ୍କ ସମେତ ନ୍ୟାୟ ରକ୍ଷକ ଅନିଶା ପୃଷ୍ଟି, କ୍ଲିନିକାଲ୍ ଇନ୍ସ୍ଟ୍ରକ୍ଟର ଅଲିଶା ମାଝୀ, ସୁଚରିତା ପାଲ, ଡିଏସ୍‌ପି ଏଏନ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ଡିଏସ୍‌ପି ତପନ କୁମାର ମହାନନ୍ଦ, ଜିତୁ ପଟେଲ, ଗୀତାରାଣୀ ପଟେଲ, ଲିଜାରାଣୀ ନାଏକ, ଶିଲ୍ପା ନାଏକ, ଦିବ୍ୟଶ୍ରୀ ନାଏକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଶିକ୍ଷୟିତ୍ରୀ କର୍ମଚାରୀ ତଥା ଛାତ୍ରୀଙ୍କ ପ୍ରଶ୍ନଗୁଡ଼ିକର ଉତ୍ତର ଦିଆଯାଇଥିଲା।



## ବାଲିବୋଝେଇ ଟ୍ରାକ୍ଟର ଜବତ



**ରାଉରକେଲା,୧୩।୨(ସମିସ):** ଛେଣ୍ଡ ଥାନା ପୁଲିସ ପ୍ରଧାନପାଲି ଅଞ୍ଚଳରୁ ଦୁଇଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ବିନା ଟିପିରେ ବାଲି ଚାଲାଣ କରିବା ବେଳେ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

## ୪ ହାଇୱା ଜବତ

**ସୁନ୍ଦରଗଡ଼,୧୩।୨(ସମିସ):** ଭସ୍ମା ଥାନା ପୁଲିସ ଗୁରୁବାର ରେମଣ୍ଡା-ଭସ୍ମା ରାସ୍ତାରୁ ଚୋରା ବାଲି ଚାଲାଣ କରୁଥିବା ୪ଟି ହାଇୱା ଧରିଛି। ଏହାପରେ ପୁଲିସ ଖଣି ବିଭାଗକୁ ଏହି ସବୁ ଗାଡିକୁ ହସ୍ତାନ୍ତର କରିଛି। ଖଣି ବିଭାଗ ଗାଡ଼ିଗୁଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

## ପାଉଁଶ ବୋଝେଇ ଗାଡ଼ି ପାର୍କିଂରୁ ଲକ୍ଷାଧିକ ଟଙ୍କା ଆୟ



**ବନ୍ଦ କରାଇଲା ଭସ୍ମା ଥାନା ପୁଲିସ**

**ସୁନ୍ଦରଗଡ଼,୧୩।୨(ସମିସ):** ପାଉଁଶ ପରିବହନରେ ନିୟୋଜିତ ଭାରୀ ଯାନଗୁଡ଼ିକର ବେଆଇନ ପାର୍କିଂରୁ କିଛି ଲୋକ ଲକ୍ଷାଧିକ ଟଙ୍କା ଆୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ବିଳମ୍ବରେ ହେଲେ ମଧ୍ୟ ଭସ୍ମା ଥାନା ପୁଲିସ ଏପରି ବେଆଇନ କାର୍ଯ୍ୟକୁ ଦୃଢ଼ ରୋକିଛି। ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଦର୍ଲିପାଲି ଫାଣ୍ଡିକୁ ଡକାଇ ଏପରି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅଣ୍ଡରଟେକିଂ ଲେଖାଇ ନେଇଛି। ଏହା ପରେ ଏହି ବେଆଇନ ପାର୍କିଂ ବୁଧବାରଠାରୁ ବନ୍ଦ ରହିଥିବା ଜଣାପଡ଼ିଛି। ଦର୍ଲିପାଲିର ଏକ କ୍ଲବ୍ ଏବଂ ବୁରୋଭଗାର ଗ୍ରାମର ଏକ କମିଟି ପ୍ରାୟ ତିନି ଏକର ଜମିରେ ପାଉଁଶ ପରିବହନ ଗାଡ଼ିର ପାର୍କିଂସ୍ଥଳ କରି ଗାଡ଼ି ପିଛା ଶହେ ଟଙ୍କା ଲେଖାଏଁ ଆଦାୟ କରି ଆସୁଥିଲେ। ଏହାର ପରିଚାଳନା ପାଇଁ କିଛି ଲୋକଙ୍କୁ ମଧ୍ୟ ଦରମା ଦେଇ ନିୟୋଜିତ କରିଥିଲେ। ବଳକା ଟଙ୍କା ପକେଟରେ ପୂରାଇ ମାଲାମାଲ ହେଉଥିଲେ। ଉକ୍ତ ପାର୍କିଂ ପାଇଁ ସରକାରୀ ଅନୁମତି ନ ଥିଲା। ଏଣୁ ଭସ୍ମା ଥାନା ଆଇଆଇସି ଅଶୋକ କୁମାର ଦାଶ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

## ଲକ୍ଷେଘର ସମାଜର ପଞ୍ଚାୟତ କମିଟି ଗଠିତ

**ସୁନ୍ଦରଗଡ଼,୧୩।୨(ସମିସ):** ସବ୍‌ଡେଗା ବ୍ଲକ୍ ଲକ୍ଷେଘର ସମାଜ ସଭାପତି ଭାସ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଡମକୁଡ଼ା ପଞ୍ଚାୟତସ୍ତରୀୟ ନୂତନ କମିଟି ଗଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଶ୍ୱମ୍ବର ମହାନନ୍ଦିଆ ଓ ଲବଣୀଧର ବାଗ ଯୋଗଦେଇ ଦିଗଦର୍ଶନ ଦେଇଥିଲେ।

ଉକ୍ତ କମିଟିରେ ସଭାପତି ରଞ୍ଜନ ଲାରଙ୍ଗ ଓ ଉପ ସଭାପତି ବସନ୍ତ ବୁଢ଼ା ରହିଥିବା ବେଳେ ସାଧାରଣ ସମ୍ପାଦକ ଚନ୍ଦନ ତନ୍ତୀ ଓ କୋଷାଧ୍ୟକ୍ଷ ଫକୀର ସିଂ ରହିଛନ୍ତି। ଉପଦେଷ୍ଟା କମିଟିରେ ଧନେଶ୍ୱର ସାଗର, ପାରେଶ୍ୱର ବୁଢ଼ା, ଭାସ୍କର ମଗର, ତିଳକ ସିଂ, ନରସିଂହ ବାଗ, ବୈଦେହୀ ମହାନନ୍ଦିଆ, ସୁକାନ୍ତି ବାଗ, ସୁକାନ୍ତି ଲାରଙ୍ଗ ପ୍ରମୁଖ ମନୋନୀତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ଅତିଥିମାନେ ଶପଥ ପାଠ କରାଇଥିଲେ। ଶେଷରେ ବ୍ଲକ୍ ସମ୍ପାଦକ ଭାଗୀରଥି ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀହରି ସ୍ପିନର୍ସରେ କାର୍ଯ୍ୟବନ୍ଦ ଆନ୍ଦୋଳନ



**ସୁନ୍ଦରଗଡ଼,୧୩।୨(ସମିସ):** ଅଶୋକା ସିନ୍ଥେଟିକ ମଜଦୁର ସଂଘର ଆହ୍ୱାନ କ୍ରମେ ସାଧାରଣ ସମ୍ପାଦକ କେଦାର ଚନ୍ଦ୍ର ପଟେଲ ଏବଂ କାର୍ଯ୍ୟକାରୀ ସଭାପତି କୁନୁ ପଶାୟତଙ୍କ ନେତୃତ୍ୱ ରେ ଆଜି କିରେଇସ୍ଥିତ ଶ୍ରୀହରି ସ୍ପିନର୍ସରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ପ୍ରଶାସନ ତରଫରୁ ସୁନ୍ଦରଗଡ ସଦର ଅତିରିକ୍ତ ତହସିଲଦାର, ସହକାରୀ ଶ୍ରମ ଅଧିକାରୀ, ସଦର ପୁଲିସ ଏବଂ ଜେନେରାଲ ମ୍ୟାନେଜର ଶ୍ରମିକ ଆନ୍ଦୋଳନ ସ୍ଥଳକୁ ପହଞ୍ଚି ୧୫ ଦିନ ସମୟ ମାଗିଥିଲେ।

ସର୍ବନିମ୍ନ ମଜୁରି ପ୍ରଦାନ ଆଇନ୍ ଏବଂ ଦରମା ପ୍ରଦାନ ଆଇନ୍‌ର ସ୍ପଷ୍ଟିକରଣ ସରକାରଙ୍କୁ ମଗା ଯାଇଛି ବୋଲି ସମୟ ନେଇଥିଲେ। ଏହା ପରେ ସଂଘ ପକ୍ଷରୁ ଶତାଧିକ ଶ୍ରମିକଙ୍କୁ ନେଇ ସଭା ହୋଇଥିଲା। ଏଥିରେ ସଂଘର ସଭାପତି ଶ୍ୟାମ ସୁନ୍ଦର ମିଶ୍ର ଏବଂ ସହ ସମ୍ପାଦକ ଭେଷଜ ରଥଙ୍କ ସମେତ ଗୋକୁଳ ନାଏକ, ଆଦିତ୍ୟ ମାଝୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଶ୍ରମିକମାନଙ୍କ ମତାମତକୁ ବିଚାର କରି ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନକୁ ଚାଲୁ ରଖିବା ନିଷ୍ପତି ନେଇଥିଲା। ଫଳରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି।

## ରାଉରକେଲାରେ ସିସିଟିଭି କାର୍ଯ୍ୟକ୍ଷମ ନେଇ ଏସ୍‌ପି ଅଫିସରେ ବୈଠକ

**ରାଉରକେଲା,୧୩।୨(ସମିସ):** ରାଉରକେଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସହରରେ ଲାଗିଥିବା ସିସିଟିଭି କ୍ୟାମେରାଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ଗୁରୁବାର ସନ୍ଧ୍ୟାରେ ରାଉରକେଲା ଏସ୍‌ପି ଅଫିସରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଏସ୍‌ପି ପ୍ରଭାଶଙ୍କର ନାୟକ, ଅତିରିକ୍ତ ଏସ୍‌ପି ରାଜକୁମାର ମିଶ୍ର, ଜୋନାଲ ଡିଏସ୍‌ପି ନିର୍ମଳ ମହାପାତ୍ର, ଉପାସନା ପାଢ଼ୀ, ପୁଷ୍ପାଞ୍ଜଳି ନିଙ୍ଗିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ପଦାଧିକାରୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ସମଗ୍ର ସ୍ମାର୍ଟସିଟି ରାଉରକେଲାକୁ ସିସିଟିଭି ସର୍ଭିଲାନ୍ସରେ ରଖିବା ପାଇଁ ଯୋଜନା କରାଯାଇ ଗତ ୫ ବର୍ଷ ପୂର୍ବେ ୧୧୦ଟି ସ୍ଥାନରେ ଲାଗିଥିଲା ୬୩୦ କ୍ୟାମେରା। ହେଲେ କଣ୍ଟ୍ରୋଲ ରୁମ କାର୍ଯ୍ୟ ସମ୍ପନ୍ନ ହୋଇ ନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏହା କାର୍ଯ୍ୟକ୍ଷମ ହେଲେ ବେପରୁଆ ଗାଡ଼ି ଚାଳକଙ୍କୁ ଏହି ସିସିଟିଭି କ୍ୟାମେରା ଜଗିବ ବୋଲି କୁହାଯାଉଛି। ଏହା କାର୍ଯ୍ୟକ୍ଷମ ହେଲେ ସିସିଟିଭିରେ ନିୟମ ଉଲଂଘନକାରୀଙ୍କ ଗାଡ଼ି ନମ୍ବର କଏଦ ହେବା ପରେ ସେମାନଙ୍କ ମୋବାଇଲ ନମ୍ବରରେ ଏଣିକି ଯିବ ଇ-ଚାଲାଣ। ଏତଦ୍‌ବ୍ୟତୀତ ସିସିଟିଭି ସ୍କାନରରେ ରାଉରକେଲା ପୁଲିସ ଜିଲ୍ଲାକୁ ଲାଗିଥିବା ସମସ୍ତ ସୀମାନ୍ତ ପ୍ରବେଶ ପଥ ରହିବ ବୋଲି ସୂଚନା ମିଳିଛି। ଏପରି ପରିକଳ୍ପନା କରାଯାଇ ସହରର ୧୧୦ଟି ସ୍ଥାନକୁ ଚିହ୍ନଟ କରାଯାଇ ସେହି ସ୍ଥାନରେ ମୋଟ ୬୩୦ ସିସିଟିଭି କ୍ୟାମେରା ଲଗାଯାଇଥିଲା। ତେବେ ଆହୁରି କିଛି ନୂଆ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଛି। ହେଲେ ପ୍ରାୟ ଅଢ଼େଇ ବର୍ଷ ଅତିକ୍ରାନ୍ତ ହେବାକୁ ବସିଥିବା ବେଳେ ସିସିଟିଭି କାର୍ଯ୍ୟକ୍ଷମ ହୋଇ ପାରିନି। ପାନପୋଷ ହକି ଛକରେ ନିର୍ମାଣାଧୀନ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର(ସିସିସି) ରୁମ୍ ଏ ପର୍ଯ୍ୟନ୍ତ ଶେଷ ହୋଇନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରିନଥିବା କୁହାଯାଉଛି। ଏହାକୁ ଶୀଘ୍ର ଶେଷ କରି କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଯାପିତ

**ରାଉରକେଲା,୧୩।୨(ସମିସ)**

ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍ ଆନୁକୂଲ୍ୟରେ ଦୁଇ ଦିନିଆ ଦ୍ୱାଦଶ ମଣ୍ଡଳସ୍ତରୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। 'ନୂତନ ସ୍ୱାସ୍ଥ୍ୟ ଓ ସଂହତି' ଶୀର୍ଷକ ଏହି ନିଆରା ସମ୍ମିଳନୀର ପ୍ରଥମ ଦିବସୀୟ ଚିତ୍ତାକର୍ଷକ ଅଧିବେଶନ ପରେ ଦ୍ୱିତୀୟ ଦିବସର ଆଦ୍ୟ ଅଧିବେଶନ ନିରାମୟତାର ଅନୁଭବରୁ ଆରମ୍ଭ ହୋଇଥିଲା।



ଚେନ୍ନାଇରୁ ଆସିଥିବା ଡାକ୍ତର ଯୋଗେଶ ମୋହନଙ୍କ ପରିଚାଳନାରେ ଚେତନାର ପ୍ରୟୋଗରେ ଉଚ୍ଚ ରକ୍ତଚାପ, ମଧୁମେହ ଭଳି ଜୀବନଶୈଳୀ ସମ୍ବଳିତ ବ୍ୟାଧି ଉପରେ ବିଜୟ ଲାଭ କିପରି ସମ୍ଭବ ଏହା ତାଙ୍କ ଦ୍ୱାରା ସଂଚାଳିତ କର୍ମଶାଳାରେ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ସ୍ୱାସ୍ଥ୍ୟର ପୂର୍ଣ୍ଣାଙ୍ଗ ଉପରେ ସଂଗଠିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ରରେ ଡାକ୍ତର ରାଜବର୍ଦ୍ଧନ ପଟ୍ଟନାୟକ, ଡାକ୍ତର ସସ୍ମିତା ଚୌଧୁରୀ, ଡକ୍ଟର କିଶୋରୀ ଦାସ, ଡାକ୍ତର ସରୋଜ ପାଣିଗ୍ରାହୀ ତଥା ଡମ୍ବରୁଧର ସାହୁ ଅଂଶଗ୍ରହଣ କରିଥିଲେ। ଡାକ୍ତର ପ୍ରଶାନ୍ତ କୁମାର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୟସ୍କ ଓ ବୃଦ୍ଧା ଅବସ୍ଥାରେ ସ୍ୱାସ୍ଥ୍ୟ ଓ ସଂହତି ଆଲୋଚନାଚକ୍ରରେ ଡାକ୍ତର ସନ୍ତୋଷ ମହାପାତ୍ର, ଡାକ୍ତର ଧାନେଶ୍ୱରୀ ଜେନା, ଡାକ୍ତର ସଞ୍ଜୟ ପତି, ଡାକ୍ତର ଗୀତାଞ୍ଜଳି ପତ୍ରୀ ଯୋଗ ଦେଇଥିଲେ। ଡାକ୍ତର ବିଶ୍ୱଜିତ୍ ମହାପାତ୍ରଙ୍କ ସହ ରାଜେଶ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। 'ପ୍ରକୃତି ସହିତ ସଂହତି ଅପରିହାର୍ଯ୍ୟ' ଏହି ବିଷୟରେ ଡାକ୍ତର ପି ଲାଲ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁକ୍ତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇଥିଲା।

ଉଦ୍‌ଯାପନୀ ଅଭିଭାଷଣ କ୍ରମରେ ପଣ୍ଡିଚେରୀ ଆଶ୍ରମର ବିଖ୍ୟାତ ମନୋବ୍ୟାଧି ଚିକିତ୍ସକ ଡାକ୍ତର ଆଲୋକ ପାଣ୍ଡେଙ୍କ 'ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ', 'ବିଜ୍ଞାନ ଆଧ୍ୟାତ୍ମିକତା ମିଳନରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ' ଆଦି ବିଷୟ ଉପରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଭିଭାଷଣ ଦେଇଥିଲେ। ଶ୍ରୀଅରବିନ୍ଦ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ସଂହତିରେ ହିଁ ନିହିତ ସ୍ୱାସ୍ଥ୍ୟ' ବିଷୟ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକାଙ୍କିକା ପରିବେଷଣ ମନୋମୁଗ୍ଧକର ହୋଇଥିଲା। ଶ୍ରୀ ଅରବିନ୍ଦ ସ୍କୁଲର ଗୀତା ରାଣୀ ବେହେରା, କଟକ ମାତୃ ଭବନର ରସରାଜ ନାୟକ ସହଯୋଗ କରିଥିଲେ। ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ରଞ୍ଜିତ ଦାସ, ବିଶ୍ୱନାଥ ଆଇନ୍ଦ୍, ବିଜୟ ଦାସ, ଅରୁନ୍ଧତୀ ମହାପାତ୍ର, ବିଜୟ କୁମାର ଦାସ, ଅରୁନ୍ଧତୀ ମହାନ୍ତିଙ୍କ ସମେତ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ସ୍କୁଲ ଅଧ୍ୟକ୍ଷ ଅଞ୍ଜଳି ରଥ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ମୁକ୍ତ ଚିତ୍ରାଙ୍କନ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଜୟ ମା' ଦୁର୍ଗା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

# ବଡ଼ଗାଁ ଶଙ୍କରାପୋଷ ଚାମ୍ପିଅନ



**ବାଲିଶଙ୍କରା,୧୩।୨(ସମିସ):** ବାଲିଶଙ୍କରା ବ୍ଲକ୍ କିଞ୍ଜିରକେଲା ପଞ୍ଚାୟତ କୁପାଟାଙ୍ଗର ଖାଲ ପଡ଼ିଆରେ ଆୟୋଜିତ ଜୟ ମା' ଦୁର୍ଗା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପଞ୍ଚଦିବସୀୟ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ରୂପେ ତଳସରା ବିଧାୟକ ତଥା ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ବାଲିଶଙ୍କରା ବ୍ଲକ୍ ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ସରପଞ୍ଚ ବେନେଦିକ୍ତା ଟପ୍ପୋ ପ୍ରମୁଖ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ବଡ଼ଗାଁର ଶଙ୍କରାପୋଷ ଓ ବାକିବାହାଲ କ୍ଲବ ମଧ୍ୟରେ ହୋଇଥିବାବେଳେ ଚାମ୍ପିଅନ ଦଳ ବଡ଼ଗାଁ ଶଙ୍କରା ପୋଷକୁ ଟ୍ରଫି ସହ ଆର୍ଥିକ ରାଶି ଓ ରନର୍ସ ଅପ ଦଳ ବାକିବାହାଲ କ୍ଲବକୁ ଟ୍ରଫି ସହ ଆର୍ଥିକ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ୍‌ର ସମସ୍ତ ସଦସ୍ୟ ସହାୟତା କରିଥିଲେ।

